ରିପୋର୍ଟ ଯୋଗ୍ୟ

ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ

**ଦେୱାନୀ ଆବେଦନ ସଂଖ୍ୟା ୮୮୩୬/୨୦୨୨**

ପ୍ରକାଶ କୁମାର ଜେନା ଓ ଅନ୍ୟମାନେ ...ଆବେଦନକାରୀ (ମାନେ)

ବନାମ

ଓଡ଼ିଶା ରାଜ୍ୟ ଓ ଅନ୍ୟମାନେ ..... ଉତ୍ତରଦାତା (ମାନେ )

ସହିତ

**ଦେୱାନୀ ଆବେଦନ ସଂଖ୍ୟା ୮୮୩୭/୨୦୨୨**

ସହିତ

**ଦେୱାନୀ ଆବେଦନ ସଂଖ୍ୟା ୮୮୩୮/୨୦୨୨**

**<u>ରାୟ</u>**

**ଏମ୍. ଆର. ଶାହ, ବିଚାରପତି**

୧. ରିଟ ଆବେଦନ ସଂଖ୍ୟା ୩୧୯/୨୦୨୦ରେ କଟକ ସ୍ଥିତ ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ଦୁଇ ଜଣିଆ ଖଣ୍ଡପୀଠଙ୍କ ଦ୍ୱାରା ଦିଆଯାଇଥିବା ଆକ୍ଷେପିତ ରାୟ ଏବଂ ଆଦେଶରେ ବ୍ୟଥିତ ଏବଂ ଅସନ୍ତୁଷ୍ଟ ହୋଇ ଉଭୟ ମୂଳ ରିଟ ଆବେଦନକାରୀମାନେ ଯିଏକି ଗୃହରକ୍ଷୀ ଭାବେ କାମ କରନ୍ତି ଏବଂ ଓଡିଶା ରାଜ୍ୟ ଏହି ଆବେଦନଗୁଡିକୁ ଦାଖଲ କରିଛନ୍ତି ।

୨ . ଏସଏଲପି ସଂଖ୍ୟା ୩୯୦୬/୨୦୨୨ ରୁ ଆସିଥିବା ଦେୱାନୀ ଆବେଦନ ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନଙ୍କ ଦ୍ୱାରା ରିଟ୍ ପ୍ରାର୍ଥନା(ସି) ସଂଖ୍ୟା ୧୯୫୫୬/୨୦୨୦ରେ ଦିଆଯାଇଥିବା କଟକ ସ୍ଥିତ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଆପତ୍ତି କରି ଦାଖଲ କରାଯାଇଛି, ଯେଉଁଥିରେ ଉଚ୍ଚ ନ୍ୟାୟାଳୟ ଉକ୍ତ ରିଟ ପ୍ରାର୍ଥନାକୁ ରିଟ ଆବେଦନ ସଂଖ୍ୟା ୩୧୯/୨୦୨୦ ର ରାୟ ଏବଂ ଆଦେଶ ଦ୍ୱାରା ଖାରଜ କରିଦେଇଛନ୍ତି ଯେଉଁଟା କି ଦେୱାନୀ ଆବେଦନ ସଂଖ୍ୟା ୮୮୩୬/୨୦୨୨ ର ବିଷୟବସ୍ତୁ ଅଟେ । ତେଣୁ ଉଚ୍ଚ ନ୍ୟାୟାଳୟଙ୍କ ରିଟ ଆବେଦନ ସଂଖ୍ୟା ୩୧୯/୨୦୨୦ ରୁ ଆସିଥିବା ଦେୱାନୀ ଆବେଦନ ସଂଖ୍ୟା

୮୮୩୬/୨୦୨୨କୁ ମୁଖ୍ୟ ବିଷୟ ହିସାବରେ ଗ୍ରହଣ କରାଗଲା ଏବଂ ଯେଉଁ ସବୁ ତଥ୍ୟ ଉକ୍ତ ରିଟ ଆବେଦନ ସଂଖ୍ୟା ୩୧୯/୨୦୨୦ ରୁ ଆସିଛି ତାହାସବୁ ନିମ୍ନରେ ବର୍ଣ୍ଣନା କରାଗଲା |

୨.୧ ମୂଳ ରିଟ୍ ଆବେଦନକାରୀମାନେ ସମସ୍ତେ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ଅଧୀନରେ ୧୦ରୁ ୧୫ବର୍ଷ ଧରି ଗୃହରକ୍ଷୀ ଭାବେ କାର୍ଯ୍ୟ କରୁଛନ୍ତି /କରିଥିଲେ । ୧୦ ରୁ ୧୫ ବର୍ଷର ସେବା ପ୍ରଦାନ କରିବା ପରେ, ସେମାନେ **ଗୃହ ରକ୍ଷକ, ଗୃହରକ୍ଷୀ କଲ୍ୟାଣ ସଂଘ ବନାମ ହିମାଚଳ ପ୍ରଦେଶ ରାଜ୍ୟ ଓ ଅନ୍ୟମାନେ** ଯେଉଁଟା **କି (୨୦୧୫) ୬ ଏସସିସି୨୪୭ରେ** ରିପୋର୍ଟ ହୋଇଛି ଏବଂ ଅନ୍ୟମାନଙ୍କ ମାମଲାରେ ଦିଆ ଯାଇଥିବା ଏହି ଅଦାଲତଙ୍କ ଆଦେଶ ଅନୁସାରେ ସେମାନଙ୍କୁ ଦରମା ପ୍ରଦାନ ଲାଗି ରାଜ୍ୟକୁ ଏକ ନିର୍ଦ୍ଦେଶ ଦେବାପାଇଁ ମାନ୍ୟବର ଏକଜଣିଆ ଖଣ୍ଡପୀଠଙ୍କ ପାଖରେ ଏହି ରିଟ ପ୍ରାର୍ଥନା ଦାଖଲ କରିଥିଲେ ଏବଂ ତା ୦୪.୦୫.୨୦୧୬ରିଖରେ ଅବମାନନା ପ୍ରାର୍ଥନା(ସି) ସଂଖ୍ୟା ୬୯୯-୭୦୦/୨୦୧୫ ରେ ଦିଆଯାଇଥିବା ପରବର୍ତ୍ତୀ ଆଦେଶ/ସ୍ପଷ୍ଟୀକରଣ ଆଦେଶ ଦ୍ୱାରା ଏହି ଅଦାଲତ ତାଙ୍କ ନିଜ ଆଦେଶକୁ ସ୍ପଷ୍ଟ କରିଛନ୍ତି | ଅନ୍ୟ ରାଜ୍ୟର ସମକର୍ମଚାରୀ ଯେବେଠାରୁ ୭ମ ବେତନ ଆୟୋଗର ଲାଭ ପାଉଛନ୍ତି, ସେବେଠାରୁ ସେମାନଙ୍କୁ ସେ ଲାଭ ପ୍ରଦାନଲାଗି ପ୍ରାର୍ଥନା କରିଛନ୍ତି| ମାନ୍ୟବର ଏକକ ବିଚାରପତି **ଗ୍ରହ ରକ୍ଷକ (ଉପରୋକ୍ତ )** ମାମଲାରେ ଏହି ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ଅନୁସରଣକରି ଗୃହରକ୍ଷୀ ସମ୍ବନ୍ଧରେ ମହାନିର୍ଦ୍ଦେଶକ (ଅଗ୍ନିଶମ ସେବା, ଗୃହରକ୍ଷୀ, ବେସାମରିକ ପ୍ରତିରକ୍ଷା) ଓଡ଼ିଶାଙ୍କ ସୁପାରିଶକୁ **ଗ୍ରହ ରକ୍ଷକ (ଉପରୋକ୍ତ)** ମାମଲାରେ ପ୍ରଦାନ କରାଯାଇଥିବା ଏହି ଅଦାଲତଙ୍କ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇ ଉକ୍ତ ରିଟ୍ ଆବେଦନକୁ ଅନୁମତି ପ୍ରଦାନ କରିଥିଲେ । ସପ୍ତମ ବେତନ ଆୟୋଗଙ୍କ ରିପୋର୍ଟ ଲାଗୁ ହେବା ପରେ କନେଷ୍ଟବଳଙ୍କ ଦରମା ବୃଦ୍ଧିକୁ ଧ୍ୟାନରେ ରଖିବାକୁ ମଧ୍ୟ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ପୂର୍ବରୁ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ତା୧୦.୧୧.୨୦୧୬ରିଖ ଠାରୁ ରାଜ୍ୟରେ ସର୍ବନିମ୍ନ ପାହ୍ୟାର ପୁଲିସ କର୍ମଚାରୀଙ୍କୁ ଦିନିକିଆ ସର୍ବନିମ୍ନ ୫୩୩ ଟଙ୍କା ଦରମା ଦେବାକୁ ସୁପାରିଶ କରିଥିଲେ । ତେଣୁ ମାନ୍ୟବର ଏକକ ଖଣ୍ଡପୀଠ ଉପରୋକ୍ତ ସୁପାରିଶକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କୁ ଏକ ମାସ ସମୟ ଦେଇ ନିର୍ଦ୍ଦେଶ ଦେଇଛନ୍ତି ଯେ, ଓଡିଶା ରାଜ୍ୟରେ ହେବାକୁ ଥିବା ଗୃହରକ୍ଷୀ ମାନଙ୍କ ପାଇଁ ବିଚାରାଧିନ ଥିବା ଚୂଡାନ୍ତ ଦେୟକୁ ଅନ୍ତରୀଣ ଭାବେ ଜାନୁୟାରୀ, ୨୦୨୦ ମସିହାରୁ ସର୍ବନିମ୍ନ ୫୦୦ ଟଙ୍କା ଦେବେ, ଯେପର୍ଯ୍ୟନ୍ତ ମହାନିର୍ଦ୍ଦେଶକଙ୍କ ସୁପାରିଶକୁ ରାଜ୍ୟସରକାର କାର୍ଯ୍ୟକାରୀ କରିବାକୁ ଚୂଡାନ୍ତ ନିଷ୍ପତ୍ତି ନେଇଛନ୍ତି |

୨.୨ ମାନ୍ୟବର ଏକକ ବିଚାରପତିଙ୍କ ଦ୍ୱାରା ରିଟ ପ୍ରାର୍ଥନା ସଂଖ୍ୟା ୮୧୪୮/୨୦୨୦ରେ ଦିଆଯାଇଥିବା ରାୟ ଏବଂ ଆଦେଶକୁ ନେଇ ବ୍ୟଥିତ ଏବଂ ଅସନ୍ତୁଷ୍ଟ ହୋଇ ଓଡ଼ିଶା ରାଜ୍ୟ ଏବଂ

ଅନ୍ୟମାନେ ରିଟ ଆବେଦନ ସଂଖ୍ୟା ୩୧୯/୨୦୨୦ କୁ ଦାଖଲ କରିବାକୁ ପସନ୍ଦ କରିଛନ୍ତି । ଆକ୍ଷେପିତ ରାୟ ଓ ଆଦେଶ ଦ୍ୱାରା, ଉଚ୍ଚନ୍ୟାୟାଳୟଙ୍କର ଦୁଇଜଣିଆ ଖଣ୍ଡପୀଠ ଦୃଢଭାବେ ମାନନୀୟ ଏକକ ବିଚାରପତିଙ୍କ ଆଦେଶକୁ ଗ୍ରହଣ କରିଛନ୍ତି । ତେବେ ମାନ୍ୟବର ଏକକ ବିଚାରପତିଙ୍କ ଆଦେଶ ଅନୁସାରେ ଉଚ୍ଚ ନ୍ୟାୟାଳୟ ଗୃହରକ୍ଷୀ ମାନଙ୍କୁ ଦୈନିକ ୫୩୩ ଟଙ୍କା ଦେୟକୁ ତା ୧୦.୧୧.୨୦୧୬ରିଖ ପରିବର୍ତ୍ତେ ଜାନୁୟାରୀ ୨୦୨୦ ମସିହାଠାରୁ ବନ୍ଦ କରିଦେଇଛନ୍ତି |

୨.୩ ରିଟ ଆବେଦନ ସଂଖ୍ୟା ୩୧୯/୨୦୨୦ରେ ପ୍ରଦାନ କରାଯାଇଥିବା ଦୁଇଜଣିଆ ଖଣ୍ଡପୀଠଙ୍କ ରାୟ ଓ ଆଦେଶରେ ବ୍ୟଥିତ ଏବଂ ଅସନ୍ତୁଷ୍ଟ ହୋଇ, ମୂଳ ରିଟ ଆବେଦନକାରୀ -ଗୃହରକ୍ଷୀମାନେ ଏବଂ ଓଡିଶା ରାଜ୍ୟ ମଧ୍ୟ ଏହି ଆବେଦନ କରିବାକୁ ପସନ୍ଦ କରିଛନ୍ତି ।

୩. ଓଡ଼ିଶା ସରକାରଙ୍କ ତରଫରୁ ହାଜର ହୋଇଥିବା ଶ୍ରୀମାନ ଓକିଲ ଦୃଢ ଭାବେ ଦର୍ଶାଇଛନ୍ତି ଯେ ଉଚ୍ଚ ନ୍ୟାୟାଳୟ ରାଜ୍ୟରେ କାର୍ଯ୍ୟରତ ଗୃହରକ୍ଷୀ କର୍ମଚାରୀମାନଙ୍କୁ ପ୍ରତିଦିନ ୫୩୩ ଟଙ୍କା ଲେଖାଏଁ ଡ୍ୟୁଟି କଲଅପ ଭତ୍ତା (ଏଥିରେ ଏହାପରେ ଡିସିଏ ଭାବେ ଉଲ୍ଲେଖ କରାଯାଇଛି) ପ୍ରଦାନ କରିବା ଲାଗି ରାଜ୍ୟକୁ ନିର୍ଦ୍ଦେଶ ଦେଇ ବାସ୍ତବିକ ତ୍ରୁଟି କରିଛନ୍ତି ଏବଂ ଏହା ଓଡ଼ିଶା ଗ୍ରୁପ-ସି ଏବଂ ଗ୍ରୁପ-ଡି (ଠିକା ନିଯୁକ୍ତି ) ନିୟମ, ୨୦୧୩ (ଏହା ପରେ ଏହାକୁ ନିୟମ, ୨୦୧୩ କୁହାଯିବ) ଅନୁଯାୟୀ ପ୍ରାରମ୍ଭିକ ନିଯୁକ୍ତିରେ କନେଷ୍ଟବଳଙ୍କୁ ଦିଆଯାଉଥିବା ପରିମାଣ ଠାରୁ ବହୁତ ଅଧିକ ହେବ ।

୩.୧ ଏହା ଉପସ୍ଥାପନା କରାଯାଇଛି ଯେ ଉଚ୍ଚ ନ୍ୟାୟାଳୟ ପୂର୍ବ ନିର୍ଦ୍ଧାରିତ ୬ଷ୍ଠ ବେତନ ଆୟୋଗଙ୍କ ସୁପାରିଶକୁ ପ୍ରଶଂସା କରିବାରେ ବିଫଳ ହୋଇଛନ୍ତି, ନିୟମ ୨୦୧୩ ମାଧ୍ୟମରେ କନେଷ୍ଟବଳମାନେ ପ୍ରାରମ୍ଭିକ ଭାବେ ନିଯୁକ୍ତି ପାଇ ମାସିକ ୭୨୦୦ ଟଙ୍କା ପାଉଥିଲେ । ତେଣୁ ଓଡ଼ିଶାରେ ଗୃହରକ୍ଷୀମାନେ ଦୈନିକ ଦରମା ଭତ୍ତା/ଡ୍ୟୁଟି କଲଅପ ଭତ୍ତା ଭାବେ ୨୪୦ ଟଙ୍କା ପାଇବା ପାଇଁ ହକଦାର ଥିଲେ । ତେବେ ସପ୍ତମ ବେତନ ଆୟୋଗ ପରେ ପ୍ରାରମ୍ଭିକ ସ୍ତରରେ ପୁଲିସ କନେଷ୍ଟବଳଙ୍କ ଦରମା ସାନ୍ତ୍ୱନା ମୂଳକ ଭାବେ ମାସିକ ୭୨୦୦ ଟଙ୍କାରୁ ୯୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ତେଣୁ ଏଠାରେ କୁହାଯାଇଛି ଯେ ମାସିକ ୨୫ ଟଙ୍କା କପଡା ସଫାକରିବା ଭତ୍ତା ବ୍ୟତୀତ ଗୃହରକ୍ଷୀମାନଙ୍କର ଦୈନିକ ଭତ୍ତା ୨୪୦ ଟଙ୍କାରୁ ୩୦୦ ଟଙ୍କାକୁ ସେହି ଅନୁସାରେ ବୃଦ୍ଧି କରାଯାଇଛି । ତେଣୁ କୁହାଯାଇଛି ଯେ ଓଡ଼ିଶା ରାଜ୍ୟ **ଗ୍ରହ ରକ୍ଷକ (ଉପରୋକ୍ତ)** ମାମଲାରେ ଏହି ଅଦାଲତଙ୍କ ରାୟକୁ ଏହିପରି ଭାବରେ ପାଳନ କରିଛି ।

୩.୨ ଏହା ମଧ୍ୟ ଦର୍ଶାଯାଇଛି ଯେ ମହାନିର୍ଦ୍ଦେଶକଙ୍କ ଦ୍ୱାରା କରାଯାଇଥିବା ସୁପାରିଶକୁ ଗ୍ରହଣ କରି ଉଚ୍ଚ ନ୍ୟାୟାଳୟ ମଧ୍ୟ ତ୍ରୁଟି କରିଛନ୍ତି, କାରଣ ମହାନିର୍ଦ୍ଦେଶକଙ୍କ ଦ୍ୱାରା କରାଯାଇଥିବା ସୁପାରିଶ ଗୁଡ଼ିକ ରାଜ୍ୟ ସରକାର ଉପରେ ବାଧ୍ୟତାମୂଳକ ନୁହେଁ, ମହାନିର୍ଦ୍ଦେଶକ ମଧ୍ୟ ୨୦୧୩ ନିୟମ ଦ୍ୱାରା କନେଷ୍ଟବଳଙ୍କ

ପ୍ରାରମ୍ଭିକ ନିଯୁକ୍ତିର ପାରିଶ୍ରମିକ ଉପରେ ଧ୍ୟାନ ଦେଇନଥିଲେ । ବରଂ କୁହାଯାଇଥିଲା ଯେ ଏହି ସୁପାରିଶ ଦେଶର ଅନ୍ୟ ରାଜ୍ୟଗୁଡ଼ିକ ଦ୍ୱାରା ଦିଆଯାଉଥିବା ଗୃହରକ୍ଷୀମାନଙ୍କ ତୁଳନାତ୍ମକ ଦୈନିକ ଭତ୍ତା ଉପରେ ଆଧାରିତ ବୋଲି ଦର୍ଶାଯାଇଛି । ସୁପାରିଶରେ ଓଡ଼ିଶା ରାଜ୍ୟର ସ୍ୱତନ୍ତ୍ର ତଥ୍ୟ ପ୍ରତି ମହାନିର୍ଦ୍ଦେଶକ ଆଦୌ ଧ୍ୟାନ ଦେଇନଥିବା ଦର୍ଶାଯାଇଛି । ତେଣୁ କୁହାଯାଇଛି ଯେ ଉଚ୍ଚ ନ୍ୟାୟାଳୟ ମହାନିର୍ଦ୍ଦେଶକଙ୍କ ସୁପାରିଶ ଉପରେ କେବଳ ନିର୍ଭର କରି ଭୁଲବଶତଃ ବିଫଳ ହୋଇଛନ୍ତି ।

୩.୩ ଓଡିଶା ରାଜ୍ୟ ତରଫରୁ ହାଜର ହୋଇଥିବା ଶ୍ରୀମାନ ଓକିଲ ପୁଣି କହିଛନ୍ତି ଯେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁସାରେ ରାଜ୍ୟର ଗୃହରକ୍ଷୀମାନଙ୍କୁ ଯଦି ୫୩୩ ଟଙ୍କା ହିସାବରେ ଦୈନିକ ଭତ୍ତା/କର୍ମ ନିଯୁକ୍ତି ଭତ୍ତା ପ୍ରଦାନ କରାଯାଏ, ତେବେ ଏହା ଏକ ଅନିୟମିତ ପରିସ୍ଥିତି ସୃଷ୍ଟି କରିବ କାରଣ ୭ମ ବେତନ ଆୟୋଗ ଅନୁସାରେ କନେଷ୍ଟବଲମାନେ ପ୍ରାରମ୍ଭିକ ନିଯୁକ୍ତି ରେ ମାସକୁ ୯୦୦୦ ଟଙ୍କା ପାଇବେ କିନ୍ତୁ ଦୈନିକ ୫୩୩ ଟଙ୍କା ହିସାବରେ ଗୃହରକ୍ଷୀମାନେ ମାସକୁ ୧୫୦୦୦ ଟଙ୍କାରୁ ଅଧିକ ପାଇବେ, ତେଣୁ ଏଠାରେ କୁହାଯାଇଛି ଯେ ଏହା **ଗ୍ରହ ରକ୍ଷକ (ଉପରୋକ୍ତ** ) ମାମଲାର ରାୟ ବିରୁଦ୍ଧରେ ଯିବ ।

୩ .୪ ରାଜ୍ୟ ତରଫରୁ ହାଜର ହୋଇଥିବା ଶ୍ରୀମାନ ଓକିଲଙ୍କ ଦ୍ୱାରା ଏହା ମଧ୍ୟ ଦାଖଲ କରାଯାଇଛି ଯେ ଉଚ୍ଚ ନ୍ୟାୟାଳୟ ମଧ୍ୟ ଏହା ବୁଝିବାରେ ବିଫଳ ହୋଇଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ୧୬୮୯୪ ସଂଖ୍ୟକ ଗୃହରକ୍ଷୀ କାର୍ଯ୍ୟ କରୁଛନ୍ତି ଏବଂ ସେଥିପାଇଁ ଯଦି ରାଜ୍ୟରେ କାର୍ଯ୍ୟରତ ଗୃହରକ୍ଷୀମାନଙ୍କୁ ଦୁଇଜଣିଆ ଖଣ୍ଡପୀଠଙ୍କ ଦ୍ୱାରା ସଂଶୋଧିତ ମାନ୍ୟବର ଏକକ ବିଚାରପତିଙ୍କ ଦ୍ୱାରା ଜାରି ନିର୍ଦ୍ଦେଶ ଅନୁସାରେ ଦରମା ପ୍ରଦାନ କରାଯାଏ, ତେବେ ସେହି ମାମଲାରେ ରାଜ୍ୟ ଉପରେ ବିପୁଳ ଆର୍ଥିକ ବୋଝ ପଡ଼ିବ ।

୩.୫ ଉପରୋକ୍ତ ଉପସ୍ଥାପନା ସହିତ, ରାଜ୍ୟ ଦ୍ୱାରା ଦାଖଲ ହୋଇଥିବା ବର୍ତ୍ତମାନର ଆବେଦନକୁ ଅନୁମତି ଦେବା ପାଇଁ ପ୍ରାର୍ଥନା କରାଯାଇଛି ।

୪ . ରାଜ୍ୟ ଦ୍ୱାରା ଦାଖଲ କରାଯାଇଥିବା ବର୍ତ୍ତମାନର ଆବେଦନକୁ ବିରୋଧ କରି ସଂପୃକ୍ତ ଗୃହରକ୍ଷୀମାନେ/ମୂଳ ରିଟ୍ ଆବେଦନକାରୀ/ଆବେଦନକାରୀଙ୍କ ତରଫରୁ ଉପସ୍ଥିତ ଶ୍ରୀମାନ ଓକିଲ ଦୃଢଭାବରେ ଦର୍ଶାଇଛନ୍ତି ଯେ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନିର୍ଦ୍ଦେଶାବଳୀରେ ରାଜ୍ୟକୁ ଦୈନିକ ୫୩୩ ଟଙ୍କା ଲେଖାଏଁ ଡିସିଏ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହା ଏହି ଅଦାଲତଙ୍କ **ଗ୍ରହ ରକ୍ଷକ (ଉପରୋକ୍ତ)** ମାମଲାର ରାୟ ଏବଂ ପରବର୍ତ୍ତୀ ସ୍ପଷ୍ଟୀକରଣ ଆଦେଶ ଅନୁରୂପ ଅଟେ ।

୪.୧ ଏହା ଦାଖଲ କରାଯାଇଛି ଯେ **ଗ୍ରହ ରକ୍ଷକ (ଉପରୋକ୍ତ)** ମାମଲାରେ ଏହି ଅଦାଲତ ଗୃହରକ୍ଷୀ ମାନଙ୍କର ସେବାକୁ ନିୟମିତ କରିବା ପାଇଁ କିମ୍ବା ନିୟମିତ ନିଯୁକ୍ତି ପ୍ରଦାନ କରିବା ପାଇଁ କରାଯାଇଥିବା

ଅନୁରୋଧକୁ ଅସ୍ୱୀକାର କରିଥିଲେ ମଧ୍ୟ, ସମସ୍ତ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ସେମାନଙ୍କୁ ମୋଟ ୩୦ ଦିନ (ଏକ ମାସ) ସର୍ବନିମ୍ନ ଦରରେ ଡିସିଏ ପ୍ରଦାନ କରନ୍ତୁ ଯାହା ରାଜ୍ୟର ପୁଲିସ କର୍ମଚାରୀମାନେ ପାଇବା ପାଇଁ ହକଦାର । ଏହା ମଧ୍ୟ ପୁଣି ଉପସ୍ଥାପନା କରାଯାଇଛି ଯେ ଏହାପରେ ବିବାଦ ଉପୁଜିଥିଲା ଯେ ଏଥିରେ ମହଙ୍ଗା ଭତ୍ତା ସାମିଲ ଅଛି କି ନାହିଁ ଏବଂ ସେଥିପାଇଁ ଅଦାଲତ ସ୍ପଷ୍ଟ କରିଛନ୍ତି ଯେ ସର୍ବନିମ୍ନ ଦରମା ପ୍ରଦାନର ଅର୍ଥ ମୂଳ ବେତନ + ସ୍ତର ବେତନ + ମହଙ୍ଗା ଭତ୍ତା + ଧୋଇବା ଭତ୍ତା । ଏହା ମଧ୍ୟ ଦର୍ଶାଯାଇଛି ଯେ ଏହି ଅଦାଲତ ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଗୃହରକ୍ଷୀ ମାନଙ୍କୁ ଦିଆଯାଉଥିବା ଦରମା ମାସିକ ଭିତ୍ତିରେ ଦିଆଯିବ ନାହିଁ କିନ୍ତୁ ଗୃହରକ୍ଷୀମାନଙ୍କ ଦ୍ୱାରା ସମ୍ପାଦନ କରାଯାଉଥିବା ଦୈନିକ କାର୍ଯ୍ୟକୁ ନେଇ ହିସାବ କରାଯିବ ।

୪.୨ ଉପରୋକ୍ତ ରାୟର ଯଥାଶୀଘ୍ର ଅନୁପାଳନ ପାଇଁ ଆବଶ୍ୟକ ନିର୍ଦ୍ଦେଶ ଜାରି କରିବା ଲାଗି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବମାନଙ୍କୁ ତା୧୬.୦୯.୨୦୧୬ରିଖରେ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଅନୁରୋଧ କରାଯାଇଥିଲା । କୁହାଯାଇଛି ଯେ, ଏହା ପରେ ଓଡ଼ିଶା ରାଜ୍ୟ ବ୍ୟତୀତ ଅନେକ ରାଜ୍ୟ **ଗ୍ରହ ରକ୍ଷକ (ଉପରୋକ୍ତ)** ମାମଲାରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ଜାରି ନିର୍ଦ୍ଦେଶନାମା ଏବଂ ସ୍ପଷ୍ଟୀକରଣ ଆଦେଶକୁ ପାଳନ କରିଛନ୍ତି । ଏଠାରେ କୁହାଯାଇଛି ଯେ ଯେତେଦୂର ଓଡିଶା ରାଜ୍ୟ ସମ୍ପୃକ୍ତ, ମହାନିର୍ଦ୍ଦେଶକ **ଗ୍ରହ ରକ୍ଷକ (ଉପରୋକ୍ତ)** ମାମଲାର ରାୟ ଏବଂ ସ୍ପଷ୍ଟୀକରଣ ଆଦେଶାନୁସାରେ ତା ୧୦.୧୧.୨୦୧୬ରିଖ ଠାରୁ ଓଡିଶା ରାଜ୍ୟର ଗୃହରକ୍ଷୀମାନଙ୍କୁ ସର୍ବନିମ୍ନ ଦୈନିକ ୫୩୩ ଟଙ୍କା ପ୍ରଦାନ କରିବାକୁ ସୁପାରିଶ କରିଥିଲେ |

୪.୩ ସମ୍ପୃକ୍ତ ଗୃହରକ୍ଷୀମାନଙ୍କ ତରଫରୁ ହାଜର ହୋଇଥିବା ଶ୍ରୀମାନ ଓକିଲ ନିମ୍ନଲିଖିତ ତଥ୍ୟ ଉପରେ ବିଚାର କରିବା ପାଇଁ ପ୍ରାର୍ଥନା କରିଛନ୍ତି:

(କ) ଗୃହରକ୍ଷକ କଲ୍ୟାଣ ସଂଘ ବନାମ ହିମାଚଳ ପ୍ରଦେଶ ରାଜ୍ୟ ମାମଲାରେ ତା ୧୧.୦୩.୨୦୧୫ରିଖର ରାୟରେ ମାନ୍ୟବର ଏହି ଅଦାଲତ ତିନିମାସ ମଧ୍ୟରେ ଡିସିଏ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ |

(ଖ)କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୧୬.୦୯.୨୦୧୬ରିଖରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବମାନଙ୍କୁ ଉପରୋକ୍ତ ରାୟର ଅନୁପାଳନ ଲାଗି ଆବଶ୍ୟକ ନିର୍ଦ୍ଦେଶ ଜାରି କରିବା ପାଇଁ ଅନୁରୋଧ କରିଥିଲେ ।

(ଗ)ଗୃହରକ୍ଷୀମାନଙ୍କ ଦରମା ପ୍ରଦାନ ସମ୍ବନ୍ଧରେ ମାନ୍ୟବର ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶକୁ ଅବମାନନା କରିବା ସମ୍ପର୍କରେ ଆବେଦନକାରୀ ସଂଖ୍ୟା ୧ଙ୍କର ଅଭିଯୋଗ ଉପରେ ଉପଯୁକ୍ତ

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତା୦୫.୧୦.୨୦୧୬ରିଖରେ ଓଡ଼ିଶା ସରକାରଙ୍କ ଗୃହ ସଚିବଙ୍କୁ ପତ୍ର ଲେଖିଥିଲେ ।

(ଘ) ଗ୍ରହ ରକ୍ଷକ, ଗୃହରକ୍ଷୀ କଲ୍ୟାଣ ସଂଘ ବନାମ ହିମାଚଳ ପ୍ରଦେଶ ରାଜ୍ୟ ଏବଂ ଅବମାନନା ପ୍ରାର୍ଥନା (ସି) ସଂଖ୍ୟା ୬୯୯-୭୦୦/୨୦୧୫ ମାମଲାରେ ଯଥାକ୍ରମେ ତା ୧୧.୦୩.୨୦୧୫ରିଖ ଏବଂ ତା ୦୪.୦୫.୨୦୧୬ରିଖରେ ପ୍ରଦାନ କରାଯାଇଥିବା ରାୟ ଆଧାରରେ ମହାନିର୍ଦ୍ଦେଶକ ଓଡିଶା (ଅଗ୍ନିଶମ ସେବା, ଗୃହରକ୍ଷୀ, ବେସାମରିକ ପ୍ରତିରକ୍ଷା ) ଓଡିଶା ସରକାରଙ୍କ ଗୃହ ବିଭାଗର ମୁଖ୍ୟ ଶାସନ ସଚିବଙ୍କୁ ସୁପାରିଶ କରିଥିଲେ ଯେ ଓଡିଶା ରାଜ୍ୟରେ ଅରକ୍ଷୀବାହିନୀର ନିମ୍ନସ୍ତରରେ ନିଯୁକ୍ତଥିବା କନେଷ୍ଟବଲମାନଙ୍କୁ ପ୍ରଦାନ କରାଯାଉଥିବା ପାରିଶ୍ରମିକକୁ ବିଚାରକୁନେଇ ତା ୧୦.୧୧.୨୦୧୬ରିଖ ଠାରୁ ପ୍ରତିବାଦୀ ସଂଖ୍ୟା-୨, ଆବେଦନକାରୀ ମାନଙ୍କୁ ଏବଂ ଓଡିଶା ରାଜ୍ୟର ଅନ୍ୟ ଗୃହରକ୍ଷୀ ମାନଙ୍କୁ ଦୈନିକ ୫୩୩ ଟଙ୍କା ପ୍ରଦାନ କରିବା ପାଇଁ |

(ଙ) ଭାରତ ସରକାରଙ୍କ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଗତ ୩୧.୧୦.୨୦୧୭ ରେ ଏକ ପତ୍ର ଜାରି କରି ୦୪.୦୫.୨୦୧୬ ରେ ଅବମାନନା ପ୍ରାର୍ଥନା ସଂଖ୍ୟା ୬୯୯-୭୦୦/୨୦୧୫ ମାମଲାରେ ମାନ୍ୟବର ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରାୟର ରୂପାୟନ ତଥା ଗୃହରକ୍ଷୀମାନଙ୍କ ବେତନ ସଂପର୍କରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

(ଚ) ଗୃହ ରକ୍ଷକ କଲ୍ୟାଣ ସଂଘ ବନାମ ହିମାଚଳ ପ୍ରଦେଶ ରାଜ୍ୟ ଏବଂ ଅବମାନନା ଆବେଦନ (ସି) ସଂଖ୍ୟା ୬୯୯- ୭୦୦ /୨୦୧୫ ମାମଲାରେ ମାନ୍ୟବର ଅଦାଲତ ଦେଇଥିବା ରାୟକୁ କାର୍ଯ୍ୟକାରୀ କରିବା ଲାଗି ତା ୧୧.୦୪.୨୦୧୮ ରିଖରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଓଡ଼ିଶା ରାଜ୍ୟ ସମେତ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବମାନଙ୍କୁ ତା ୧୫.୦୯.୨୦୧୮ ରିଖ ସୁଦ୍ଧା ଗୃହରକ୍ଷୀମାନଙ୍କର କର୍ତ୍ତବ୍ୟ ଭତ୍ତା ବୃଦ୍ଧି କରିବାପାଇଁ ନିର୍ଦ୍ଦେଶ ଜାରି କରିଥିଲେ |

(ଛ) ଆବେଦନକାରୀମାନଙ୍କ ଦ୍ୱାରା ତା ୦୯.୦୫.୨୦୧୮ରିଖରେ ରିଟ ପ୍ରାର୍ଥନା ଦାଖଲ କରାଯାଇଥିଲା ।

୪.୪ ମୂଳ ରିଟ ଆବେଦନକାରୀ/ଆବେଦନକାରୀ/ଗୃହରକ୍ଷୀମାନଙ୍କ ତରଫରୁ ହାଜର ହୋଇଥିବା ଶ୍ରୀମାନ ଓକିଲଙ୍କ ଦ୍ୱାରା ଏହା ମଧ୍ୟ ଦାଖଲ କରାଯାଇ ରାଜ୍ୟ ତରଫରୁ କୁହାଯାଇଛି ଯେ ୨୦୧୩ ନିୟମ ଅନୁଯାୟୀ ପ୍ରାରମ୍ଭିକ ନିଯୁକ୍ତି ପାଇଥିବା ରାଜ୍ୟର କନେଷ୍ଟବଲମାନେ ଷଷ୍ଠ ବେତନ ଆୟୋଗଙ୍କ ସୁପାରିଶ ଅନୁସାରେ ମାସିକ ୭,୨୦୦ ଟଙ୍କା ପାଉଥିଲେ ଏବଂ ଏହାପରେ ସପ୍ତମ ବେତନ ଆୟୋଗଙ୍କ

ସୁପାରିଶ ପରେ ମାସିକ  ୯,୦୦୦ ଟଙ୍କା ଦରରେ ବେତନ  ପାଉଛନ୍ତି  ତେଣୁ ସେହି ଦୃଷ୍ଟିରେ ଦେଖିଲେ ଗୃହରକ୍ଷୀମାନେ ସାନ୍ତ୍ୱନାମୂଳକ ଭାବେ ସେହି ମାସିକ ୯୦୦୦ ଟଙ୍କା ପାଇବାକୁ ହକଦାର ହେବେ, ଏଠାରେ ଉପସ୍ଥାପନା କରାଯାଇଛି ଯେ ଉପରୋକ୍ତ ପ୍ରାର୍ଥନା ସମ୍ପୂର୍ଣ୍ଣଭାବେ ହଜିଯାଇଛି ।  ଏଥିରେ କୁହାଯାଇଛି ଯେ ନିୟମ ୨୦୧୩  ଅନୁଯାୟୀ ପ୍ରଥମେ ଚୁକ୍ତିଭିତ୍ତିକ ଆଧାରରେ କନେଷ୍ଟବଳଙ୍କୁ ନିଯୁକ୍ତି ଦିଆଯାଇଥିଲା  ଏବଂ କିଛି ବର୍ଷ ଚାକିରି କରିବା ପରେ ସେମାନଙ୍କୁ ସ୍ଥାୟୀ କରାଯାଇଥିଲା ।ବର୍ତ୍ତମାନ ମାମଲାରେ ଉପସ୍ଥାପନା କରାଯାଇଛି ଯେ ଗୃହରକ୍ଷୀ ମାନଙ୍କ ନିୟମିତ ନିଯୁକ୍ତି ପାଇଁ ଏବଂ / କିମ୍ବା ସେମାନଙ୍କର ଚାକିରିକୁ ନିୟମିତ କରିବାର ପ୍ରାର୍ଥନାକୁ ଏଠାରେ ମନା କରାଯାଇଛି ।  ଏଠାରେ ପ୍ରଶ୍ନ ହେଉଛି ଯେ କନେଷ୍ଟବଳମାନଙ୍କୁ ସର୍ବନିମ୍ନ ଦରମାର ମାପ/ଦରମା କ'ଣ ମିଳୁଛି । ଏହା ଦାଖଲ କରାଯାଇଛି ଯେ ଉପରୋକ୍ତ ସମସ୍ତ ଦିଗ ଉପରେ ମହାନିର୍ଦ୍ଦେଶକ ତା ୧୦.୧୧.୨୦୧୬ରିଖରେ  ତାଙ୍କ ସୁପାରିଶରେ ବିଚାର କରିଥିଲେ ।

୪.୫ ଏପରିକି ଓଡ଼ିଶା ରାଜ୍ୟ ବ୍ୟତୀତ ଅନ୍ୟ ସମସ୍ତ ରାଜ୍ୟ**, ଗୃହ  ରକ୍ଷକ (ଉପରୋକ୍ତ)** ମାମଲାରେ ଏହି ନ୍ୟାୟାଳୟର ନିର୍ଦ୍ଦେଶକୁ ପାଳନ କରିଛନ୍ତି । ତେଣୁ ଓଡ଼ିଶାରେ କାର୍ଯ୍ୟରତ ସମସ୍ତ ଗୃହରକ୍ଷୀମାନେ  ଅନ୍ୟ ରାଜ୍ୟର ଗୃହରକ୍ଷୀମାନଙ୍କୁ  ଦିଆଯାଉଥିବା ସୁବିଧାକୁ ସମାନ ଭାବରେ  ପାଇବା ପାଇଁ ହକଦାର ।

୪.୬ ବର୍ତ୍ତମାନ ଯେତେଦୂର ଉଚ୍ଚ ନ୍ୟାୟାଳୟଙ୍କର ଦୁଇଜଣିଆ ଖଣ୍ଡପୀଠଙ୍କ ଆକ୍ଷେପିତ ରାୟ  ଓ ଆଦେଶରେ ଜାନୁୟାରୀ  ୨୦୨୦ ମସିହାଠାରୁ ଦୈନିକ ୫୩୩ ଟଙ୍କାର ଲାଭ ଉପରେ ଲାଗିଥିବା କଟକଣା ସମ୍ପୃକ୍ତ, ମୂଳ ରିଟ୍ ଆବେଦନକାରୀଙ୍କ ତରଫରୁ  ଉପସ୍ଥିତ ଥିବା ଶ୍ରୀମାନ ଓକିଲ ଦୃଢ ଭାବେ ଦର୍ଶାଇଛନ୍ତି ଯେ ଉଚ୍ଚ ନ୍ୟାୟଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ସେମିତି କୌଣସି ପ୍ରଭାବଶାଳୀ କାରଣ ନ ଦର୍ଶାଇ କେବଳ ଜାନୁୟାରୀ ୨୦୨୦ ମସିହାରୁ ଉପରୋକ୍ତ ଲାଭ ଉପରେ କଟକଣା ଲଗାଇଛନ୍ତି |

୪.୭ କୁହାଯାଇଛି  ଯେ ଏହିପରି ଏହି ନ୍ୟାୟାଳୟ ୨୦୧୫ ମସିହାରେ **ଗୃହ ରକ୍ଷକ (ଉପରୋକ୍ତ)** ମାମଲାରେ ରାୟ ଏବଂ ଆଦେଶ ପ୍ରଦାନ କରିଥିଲେ । ଏହାପରେ **ଗୃହ ରକ୍ଷକ (ଉପରୋକ୍ତ)** ମାମଲାରେ ଏହି ଅଦାଲତଙ୍କ ରାୟ ଏବଂ ଆଦେଶକୁ ଅନୁପାଳନ କରିବା ଲାଗି ଆବଶ୍ୟକ ନିର୍ଦ୍ଦେଶ ଜାରି କରିବା ପାଇଁ ତା୧୬.୦୯.୨୦୧୬ରିଖରେ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର  ମୁଖ୍ୟ ଶାସନ ସଚିବମାନଙ୍କୁ ଅନୁରୋଧ କରିଥିଲେ । ଏହାପରେ ଉପସ୍ଥାପନା କରାଯାଇ କୁହାଯାଇଛି ଯେ  ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ  ଓଡ଼ିଶା ସରକାରଙ୍କ ଗୃହ ବିଭାଗର ସଚିବଙ୍କୁ ତା ୦୫.୧୦.୨୦୧୬ ରିଖରେ ଚିଠି ଲେଖି ଗୃହରକ୍ଷୀମାନଙ୍କ ଦରମା ପ୍ରଦାନ କରିବା ସମ୍ବନ୍ଧୀୟ ଏହି ଅଦାଲତଙ୍କ  ଆଦେଶକୁ ଅବମାନନା  କରିବା ନେଇ ଗୃହରକ୍ଷୀମାନଙ୍କ ପକ୍ଷରୁ କରାଯାଇଥିବା ଅଭିଯୋଗ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୁହାଯାଇଥିଲା । ଏହା ମଧ୍ୟ ଦାଖଲ କରାଯାଇଛି

ଯେ ଏହା ପରେ ମଧ୍ୟ ମହାନିର୍ଦ୍ଦେଶକ ତା୧୦.୧୧.୨୦୧୬ ରିଖରେ ତାଙ୍କ ସୁପାରିଶ ଅନୁଯାୟୀ ତା ୧୦.୧୧.୨୦୧୬ ରିଖ ଠାରୁ ଡିସିଏ ବାବଦକୁ ଦୈନିକ ୫୩୩ ଟଙ୍କା ପ୍ରଦାନକରିବା ପାଇଁ ସୁପାରିଶ କରିଥିଲେ । ତେଣୁ ଉପସ୍ଥାପନା ହୋଇଛି ଯେ ମାନ୍ୟବର ଏକକ ବିଚାରପତି ତା୧୦.୧୧.୨୦୧୬ରିଖଠାରୁ ଦୈନିକ ୫୩୩ ଟଙ୍କା ଲେଖାଏଁ ଡିସିଏ ବାବଦକୁ ପ୍ରଦାନକରିବା ନିର୍ଦ୍ଦେଶ ଦେବା ଉଚିତ୍ ଥିଲା ।

୪.୮ ତେଣୁ କୁହାଯାଇଛି ଯେ ଉଚ୍ଚ ନ୍ୟାୟାଳୟଙ୍କର ଦୁଇଜଣିଆ ଖଣ୍ଡପୀଠ କେବଳ ଜାନୁୟାରୀ, ୨୦୨୦ ମସିହାଠାରୁ ଦୈନିକ ୫୩୩ ଟଙ୍କାର ଡିସିଏ ଲାଭରେ ଅଙ୍କୁଶ ଲଗାଇ ବାସ୍ତବରେ ଏକ ତ୍ରୁଟି କରିଛନ୍ତି ।

୪.୯ ରାଜ୍ୟ ଦ୍ୱାରା କରାଯାଇଥିବା ଆବେଦନକୁ ଖାରଜ କରିବା ଏବଂ ଗୃହରକ୍ଷୀମାନଙ୍କ ଦ୍ୱାରା କରାଯାଇଥିବା ଆବେଦନକୁ ଅନୁମତି ଦେବା ଲାଗି ଉପରୋକ୍ତ ପ୍ରସ୍ତାବ ମାଧ୍ୟମରେ ପ୍ରାର୍ଥନା କରାଯାଇଛି।

୫ . ଆମେ ସମ୍ପୃକ୍ତ ପକ୍ଷଙ୍କ ତରଫରୁ ଉପସ୍ଥିତ ଥିବା ଶ୍ରୀମାନ ଓକିଲମାନଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଶୁଣିଛୁ।

୬. ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜ୍ୟରେ କାର୍ଯ୍ୟରତ ଗୃହରକ୍ଷୀମାନେ ରାଜ୍ୟ ପୁଲିସ କର୍ମଚାରୀଙ୍କ ଭଳି ସର୍ବନିମ୍ନ ଡିସିଏ/କର୍ମ ନିଯୁକ୍ତି ଭତ୍ତା ପାଇବା ପାଇଁ ହକଦାର କି ନା, ତାକୁ ଦୃଷ୍ଟି ନ ଦେଇ ଏହି ନ୍ୟାୟାଳୟ **ଗୃହ ରକ୍ଷକ (ଉପରୋକ୍ତ)** ମାମଲାରେ ନିଷ୍ପତ୍ତି ଦେଇଛନ୍ତି | ସେବାକୁ ନିୟମିତ କରିବା କିମ୍ବା ନିୟମିତ ନିଯୁକ୍ତି ପ୍ରଦାନ କରିବାରେ ଆଶ୍ୱସ୍ତି ପ୍ରଦାନ କରିବାକୁ ମନାକରି, ଏହି ନ୍ୟାୟାଳୟ ପାରା ୩୯ ରେ ନିମ୍ନଲିଖିତ ନିର୍ଦ୍ଦେଶ ଦେଇଛନ୍ତି:

> *"୩୯ . ଉପରୋକ୍ତ ଆଲୋଚନାକୁ ଦୃଷ୍ଟିରେ ରଖି, ଆବେଦନକାରୀଙ୍କୁ ସେବାରେ ନିୟମିତକରଣ କିମ୍ବା ନିୟମିତ ନିଯୁକ୍ତି ମଞ୍ଜୁରି ପ୍ରଦାନ କରାଯାଇପାରିବ ନାହିଁ, ତେଣୁ ହିମାଚଳ ପ୍ରଦେଶ, ପଞ୍ଜାବ ଏବଂ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ରାୟ ବିପକ୍ଷରେ କୌଣସି ହସ୍ତକ୍ଷେପ କରାଯିବ ନାହିଁ । ତେବେ ତଥ୍ୟାତ୍ମକ ଦୃଷ୍ଟିକୋଣରୁ, ଜରୁରୀ ପରିସ୍ଥିତିରେ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ଗୃହରକ୍ଷୀମାନଙ୍କୁ ବ୍ୟବହାର କରାଯାଉଥିବାରୁ ଏବଂ ସେମାନଙ୍କର କର୍ତ୍ତବ୍ୟ ସମୟରେ ସେମାନଙ୍କୁ ପୁଲିସ କର୍ମଚାରୀଙ୍କ ଭଳି କ୍ଷମତା ପ୍ରଦାନ କରାଯାଉଥିବାରୁ ଆମେ ଭାବୁଛୁ ଯେ ରାଜ୍ୟ ସରକାର ପୁଲିସ କର୍ମଚାରୀଙ୍କୁ ପ୍ରଦାନ କରାଯାଉଥିବା ସର୍ବନିମ୍ନ ମୋଟ ୩୦ ଦିନର (ଏକ ମାସ )ଭତ୍ତା ପରି ସେମାନଙ୍କୁ ସେଇଭଳି ଭତ୍ତା ପ୍ରଦାନ କରିବା ଉଚିତ । ଆଶା କରାଯାଉଛି ଯେ ରାଜ୍ୟ ସରକାର ଉପରୋକ୍ତ ପର୍ଯ୍ୟବେକ୍ଷଣର ପରିପ୍ରେକ୍ଷୀରେ ଯଥାଶୀଘ୍ର, ବିଶେଷ କରି ତିନି ମାସ ମଧ୍ୟରେ ଉପଯୁକ୍ତ ଆଦେଶ ଜାରି କରିବେ।"*

୬.୧ ଏହାପରେ, ଏହି ନ୍ୟାୟାଳୟ ୨୦୧୫ ମସିହାରେ ଅବମାନନା ଆବେଦନ (ସି) ସଂଖ୍ୟା ୬୯୯ - ୭୦୦ /୨୦୧୫ ମାମଲାରେ ଆଉ ଏକ ସ୍ପଷ୍ଟୀକରଣ ଆଦେଶ ପାରିତ କରିଥିଲେ।ଏହି ନ୍ୟାୟାଳୟ ନିମ୍ନରେ ଏହିପରି ସ୍ପଷ୍ଟ କରିଥିଲେ:

*''ଯେତେଦୂର ବର୍ତ୍ତମାନର ମାମଲା ସମ୍ପୃକ୍ତ, ନିୟମିତ କରିବାର ଆବେଦନକୁ ମନା କରାଯାଇଥିଲା, କିନ୍ତୁ ଏହି ନ୍ୟାୟାଳୟ ସର୍ବନିମ୍ନ ଦରମା ଉପରୋକ୍ତ ଭାବରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ, ଯାହାର ଅର୍ଥ ହେଲା ମୂଳ ବେତନ + ସ୍ତର ଦେୟ + ମହଙ୍ଗା ଭତ୍ତା + ସଫାଇ ଭତ୍ତା ।*

*ତେବେ ଆମେ ଏହା ସ୍ପଷ୍ଟ କରୁଛୁ ଯେ ଆବେଦନକାରୀଙ୍କୁ ଦିଆଯାଉଥିବା ଦରମା ମାସିକ ଭିତ୍ତିରେ ଦିଆଯିବ ନାହିଁ, ବରଂ ଆବେଦନକାରୀଙ୍କ ଦ୍ଵାରା ଦିଆଯାଉଥିବା କାର୍ଯ୍ୟର ପ୍ରତ୍ୟେକ ଦିନ ଆଧାରରେ ଗଣନା କରାଯିବ।''*

୬.୨ ଏହାପରେ **ଗୃହ ରକ୍ଷକ (ଉପରୋକ୍ତ)** ମାମଲାରେ ପ୍ରଦାନ କରାଯାଇଥିବା ଏହି ଅଦାଲତଙ୍କ ରାୟ ଓ ପୁନଃ ସ୍ୱଷ୍ଟୀକରଣ ଆଦେଶକୁ ଅନୁପାଳନ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ଜାରି କରିବାକୁ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତା୧୬.୦୯.୨୦୧୬ ରିଖର ଚିଠି ଦ୍ୱାରା ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବମାନଙ୍କୁ ଅନୁରୋଧ କରିଥିଲେ । ଏହାପରେ ଓଡ଼ିଶା ରାଜ୍ୟର ଗୃହରକ୍ଷୀମାନଙ୍କୁ ଦରମା ପ୍ରଦାନ କରିବା ସମ୍ବନ୍ଧୀୟ ଏହି ନ୍ୟାୟାଳୟଙ୍କର ଆଦେଶକୁ ଅମାନ୍ୟ କରିବା ଦ୍ୱାରା ଏହି ରାଜ୍ୟର ଗୃହରକ୍ଷୀମାନଙ୍କ ତରଫରୁ ଏକ ଅଭିଯୋଗ କରାଯାଇଥିଲା ଏବଂ ଏହାକୁ ଭିତ୍ତି କରି ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ସଚିବଙ୍କୁ ତା୦୫.୧୦.୨୦୧୬ରିଖରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରାଯାଇଥିଲା । ଏହାପରେ ତା୧୦.୧୧.୨୦୧୬ ରିଖରେ ମହାନିର୍ଦ୍ଦେଶକ, ଓଡ଼ିଶା (ଅଗ୍ନିଶମ ସେବା, ଗୃହରକ୍ଷୀ, ବେସାମରିକ ପ୍ରତିରକ୍ଷା ) ରାଜ୍ୟ ପୁଲିସ କର୍ମଚାରୀଙ୍କୁ ମିଳୁଥିବା ସର୍ବନିମ୍ନ ଦରମା ଦୈନିକ ୫୩୩ ଟଙ୍କା ହାରରେ ଡିସିଏ ଦେବାକୁ ସୁପାରିଶ କରିଥିଲେ ଯାହା ପାଇଁ ସେମାନେ ଯୋଗ୍ୟ ଥିଲେ । ଉପରୋକ୍ତ ଆଦେଶ ସତ୍ତ୍ୱେ, ରାଜ୍ୟ ସରକାର **ଗୃହ ରକ୍ଷକ(ଉପରୋକ୍ତ)** ମାମଲାରେ ଏହି କୋର୍ଟଙ୍କ ରାୟ ଏବଂ ସ୍ୱଷ୍ଟୀକରଣ ଆଦେଶ ଅନୁଯାୟୀ ଡିସିଏ ପ୍ରଦାନ କରିନଥିଲେ । ତେବେ ନିୟମ ୨୦୧୩ ଅନ୍ତର୍ଗତ ନିଯୁକ୍ତି ଅନୁଯାୟୀ ଗୃହରକ୍ଷୀମାନେ ମାସକୁ ୭୨୦୦ ଟଙ୍କା ଡିସିଏ ପାଉଥିଲାବେଳେ କନେଷ୍ଟବଳ ମାନଙ୍କୁ ମାସିକ ଡିସିଏ ୯୦୦୦ ଟଙ୍କା ମିଳୁଥିଲା । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ନିୟମ ୨୦୧୩ ଅନୁଯାୟୀ ରାଜ୍ୟରେ ପ୍ରଥମେ ଚୁକ୍ତିଭିତ୍ତିକ ନିଯୁକ୍ତି କନେଷ୍ଟବଳମାନଙ୍କୁ ଦିଆଯାଉଥିଲା ଏବଂ କିଛି ବର୍ଷ ଚାକିରି କରିବା ପରେ ସେମାନଙ୍କୁ ସ୍ଥାୟୀ କରାଯାଉଥିଲା । ତେବେ ସ୍ଥାୟୀ ହେବା ପରେ ସେମାନଙ୍କୁ ସର୍ବନିମ୍ନ ବେତନ ହାରରେ ରଖାଯାଇଥାଏ ଏବଂ ତେଣୁ ଯେପରି ପୁଲିସ କର୍ମଚାରୀ ସେମାନଙ୍କ ୨୦୧୩ ନିୟମ ଅଧୀନରେ ଚୁକ୍ତିଭିତ୍ତିକ ସେବାକୁ ସମ୍ପୂର୍ଣ୍ଣ କରି ନିୟମିତ ଭାବରେ / ସ୍ଥାୟୀ ଭାବରେ ପ୍ରାରମ୍ଭିକ ନିଯୁକ୍ତି ପାଇ ସର୍ବନିମ୍ନ ହାରରେ ବେତନ ପାଇବାକୁ ହକଦାର ହୋଇଥାନ୍ତି ସେହିପରି ଗୃହରକ୍ଷୀମାନେ ମଧ୍ୟ ଡସିଏ ପାଇବାକୁ ହକଦାର ହେବେ । ଏହି ପର୍ଯ୍ୟାୟରେ, ଏଠାରେ ଏହା ଉଲ୍ଲେଖ କରାଯାଇପାରେ ଯେ **ଗୃହ ରକ୍ଷକ (ଉପରୋକ୍ତ)** ମାମଲାରେ ଏହି ନ୍ୟାୟାଳୟଙ୍କର ରାୟ ଏବଂ ପୁନଃ ସ୍ୱଷ୍ଟୀକରଣ ଆଦେଶକୁ ହିମାଚଳ ପ୍ରଦେଶ, ପଞ୍ଜାବ, ମଧ୍ୟପ୍ରଦେଶ, ବିହାର, ଛତିଶଗଡ଼, ମହାରାଷ୍ଟ୍ର,

କେରଳ, ହରିୟାଣା, ଗୋଆ, ନ୍ୟାସନାଲ କ୍ୟାପିଟାଲ ଟେରୀଟୋରି  ଅଫ ଦିଲ୍ଲୀ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଲାକ୍ଷାଦ୍ୱୀପ ଆଦି ଅନେକ ରାଜ୍ୟ ମଧ୍ୟ ପାଳନ କରିଛନ୍ତି, ଯାହାକି ନିମ୍ନଲିଖିତ ତଥ୍ୟ ଫର୍ଦ୍ଦରୁ  ସ୍ପଷ୍ଟ ହୋଇଛି :

| କ୍ରମିକ ସଂଖ୍ୟା. | ରାଜ୍ୟର ନାମ | କାର୍ଯ୍ୟକାରିହେବା ଦିନରୁ ଦେୟ | ଟଙ୍କା ଦେୟ | ସ୍ତର ଦେୟ ଟଙ୍କାରେ | ମହଙ୍ଗା ଭତ୍ତା (୧୯ %) | ସଫାଇ ଭତ୍ତା | ମୋଟ ପରିମାଣ ଟଙ୍କାରେ |
|---|---|---|---|---|---|---|---|
| ୧ | ପଞ୍ଜାବ | ୧୪.୧୦.୧୬ | ୧୦,୩୦୦/- | ୩୨୦୦/- | ୧୬,୧୬୫/- | ୮୦/- | ୨୯,୫୬୫/- |
| ୨ | ମଧ୍ୟପ୍ରଦେଶ | ୧୪.୧୦.୧୬ | ୧୦,୩୦୦/- | ୩୨୦୦/- | ୧୬,୦୬୫/- | ୮୦/- | ୨୯,୫୬୫/- |
| ୩. ୩ | ବିହାର | ୧୮.୧୦.୧୬ | ୧୦,୩୦୦/- | ୩୨୦୦/- | ୧୬,୦୬୫/- | ୮୦/- | ୨୯,୫୬୫/- |
| ୪. ୪ | ଛତିଶଗଡ଼ | ୨୦.୧୦.୧୬ | ୧୦,୩୦୦/- | ୩୨୦୦/- | ୧୬,୦୬୫/- | ୮୦/- | ୨୯,୫୬୫/- |
| ୫. ୫ | ମହାରାଷ୍ଟ୍ର | ୨୭.୧୦. ୧୬ | ୧୦,୩୦୦/- | ୩୨,୦୦/ - | ୧୬,୦୬୫/- | ୮୦/- | ୨୯,୫୬୫/- |
| ୬ | କେରଳ | 04. 03. 16 | - | - | - | - | ୧୮,୦୦୦/- (ଦୈନିକ ୬୦୦/) |
| ୭. ୭ | ହରିୟାଣା | ୦୧.୧୧.୧୬ | - | - | - | - | ୧୭,୧୬୦-/ (ଦୈନିକ ୫୭୨/) |
| ୮. ୮ | ହିମାଚଳ ପ୍ରଦେଶ | ୧୪.୧୦.୧୫ | ୫,୯୧୦/- | ୧,୯୦୦/ | ୯,୨୯୪/- | ୩୦/ | ୧୭,୧୩୪/- |
| ୯. ୯ | ଗୋଆ | ୦୧.୦୬.୧୭ | ୧୮,୦୦୦/- | - | ୭୨୦/- | ୫୦/ | ୧୮,୭୭୦/- (ଦୈନିକ ୬୪୨/) |
| ୧୦ | ଲାକ୍ଷାଦ୍ୱୀପ | ୧୪.୦୮.୧୮ | - | - | - | - | ୧୯,୨୬୦/- (ଦୈନିକ ୬୪୨/) |
| ୧୧ | ନୂଆଦିଲ୍ଲୀ। | ୦୧.୦୧.୧୮ | ୧୮,୦୦୦/- | - | ୧,୨୬୦/ | ୯୦/ | ୨୦,୫୫୦/-. |

୬.୩ ତେଣୁ ଓଡ଼ିଶା ରାଜ୍ୟକୁ ଏବେ ଏହି ପ୍ରସ୍ତାବ ଦେବା ପାଇଁ ଅନୁମତି ଦିଆଯାଇ ପାରିବ ନାହିଁ ଯେ ୨୦୧୩  ନିୟମ ଅନୁଯାୟୀ ନିଯୁକ୍ତ ଚୁକ୍ତିଭିତ୍ତିକ କନେଷ୍ଟବଳଙ୍କୁ ପ୍ରବେଶ ସ୍ତରରେ ଏକ ନିର୍ଦ୍ଧାରିତ ରାଶି ପ୍ରଦାନ କରାଯାଉଥିବାରୁ ଗୃହରକ୍ଷୀମାନେ ମଧ୍ୟ ୧୦  ରୁ ୧୫  ବର୍ଷ ସେବା ପ୍ରଦାନ କରିବା ପରେ ସମାନ ନିର୍ଦ୍ଧାରିତ ଦରମା ପାଇବା ପାଇଁ ହକଦାର ହେବେ  । ଉପରୋକ୍ତ ପଦକ୍ଷେପ ଏହି ନ୍ୟାୟଳୟଙ୍କ ଦ୍ୱାରା

**ଗ୍ରହ ରକ୍ଷକ (ଉପରୋକ୍ତ)** ମାମଲାରେ ଜାରି ହୋଇଥିବା ନିର୍ଦ୍ଦେଶନାମା ଏବଂ ପରବର୍ତ୍ତୀ ପୁନଃ ସ୍ପଷ୍ଟୀକରଣ ଆଦେଶକୁ ବିରୋଧ ହେବ ।ଏହି ପରିପ୍ରେକ୍ଷୀରେ ଉଚ୍ଚ ନ୍ୟାୟାଳୟ ଦୈନିକ ୫୩୩ ଟଙ୍କା ଲେଖାଏଁ ଡିସିଏ ପ୍ରଦାନ କରିବାକୁ ଉଚିତ୍ ନିର୍ଦ୍ଦେଶ ଦେଇଛନ୍ତି । ତେଣୁ ଏହିପରି ଭାବରେ ଆମ୍ଭେ ଉଚ୍ଚ ନ୍ୟାୟାଳୟଙ୍କର ମାନ୍ୟବର ଏକକ ବିଚାରପତି ଏବଂ ଦୁଇଜଣିଆ ଖଣ୍ଡପୀଠଙ୍କ ଦ୍ୱାରା ନିଆଯାଇଥିବା ମତ ସହିତ ସମ୍ପୂର୍ଣ୍ଣ ସହମତ । ତେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ଆବେଦନକୁ ଖାରଜ କରାଯିବା ଉଚିତ ।

୮ . ବର୍ତ୍ତମାନ, ଯେତେଦୂର ମୂଳ ରିଟ୍ ଅବେଦନକାରୀ ଉଚ୍ଚ ନ୍ୟାୟଳୟଙ୍କ ଆକ୍ଷେପିତ ରାୟ ଏବଂ ଆଦେଶ ଦ୍ୱାରା ଦୈନିକ ୫୩୩ ଟଙ୍କା ଡିସିଏ ଲାଭ ଉପରେ କେବଳ ଜାନୁୟାରୀ ୨୦୨୦ ମସିହାଠାରୁ ଅଙ୍କୁଶ ଲଗାଯିବା ଦ୍ୱାରା କରିଥିବା ଆବେଦନ ସମ୍ପୃକ୍ତ, ପ୍ରାରମ୍ଭରେ ଉଲ୍ଲେଖ ରହିବା ଦରକାର ଯେ ତା ୧୦.୧୧.୨୦୧୬ ରିଖ ପରିବର୍ତ୍ତେ ଜାନୁୟାରୀ ୨୦୨୦ ମସିହାଠାରୁ ଦୈନିକ ୫୩୩ ଟଙ୍କା ଲାଭ ଉପରେ ବିନା କୌଣସି ବିଶ୍ୱାସ ଯୋଗ୍ୟ କାରଣରେ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ଅଙ୍କୁଶ ଲଗାଇଛନ୍ତି । ଅନ୍ୟପକ୍ଷରେ ଏହା ମଧ୍ୟ ଉଲ୍ଲେଖ ରହିବା ଆବଶ୍ୟକ ଯେ ଏହି ନ୍ୟାୟାଳୟ ମାର୍ଚ୍ଚ ୨୦୧୫ ମସିହାରେ **ଗ୍ରହ ରକ୍ଷକ (ଉପରୋକ୍ତ)** ମାମଲାରେ ଏପରି ରାୟ ଦେଇଥିଲେ ଏବଂ ତା ୦୪.୦୫.୨୦୧୬ ରିଖରେ ପୁନଃ ଏକ ସ୍ପଷ୍ଟୀକରଣ ଆଦେଶ ପାରିତ କରାଯାଇଥିଲା । ଏହା ପରେ ମଧ୍ୟ ତା୧୦.୧୧.୨୦୧୬ରିଖରେ ମହାନିର୍ଦ୍ଦେଶକ **ଗ୍ରହ ରକ୍ଷକ (ଉପରୋକ୍ତ)** ଏବଂ ପରବର୍ତ୍ତୀ ସ୍ପଷ୍ଟୀକରଣ ଆଦେଶ ତା୦୪.୦୫.୨୦୧୬ ରିଖ ଅନୁଯାୟୀ ପ୍ରତି ଦିନ ୫୩୩ ଟଙ୍କା ଲେଖାଏଁ ଡିସିଏ ପ୍ରଦାନ କରିବା ଲାଗି ସୁପାରିଶ କରିଥିଲେ । ତେଣୁ ଉଚ୍ଚ ନ୍ୟାୟଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ଜାନୁୟାରୀ ୨୦୨୦ ମସିହା ଠାରୁ ଦୈନିକ ଡିସିଏ ୫୩୩ ଟଙ୍କା ଲାଭ ଉପରେ ଅଙ୍କୁଶ ଲଗାଇ ଉଚିତ୍ କରିନାହାନ୍ତି । ତେବେ, ସେହି ଏକା ସମୟରେ ତଥ୍ୟକୁ ବିଚାରକୁ ନେଇ କୁହାଯାଇଛି ଯେ ୧୭୭୬୫ଜଣ ଗୃହରକ୍ଷୀ କାର୍ଯ୍ୟ କରୁଥିଲେ ଏବଂ କମାଣ୍ଡର ଜେନେରାଲ/ମହାନିର୍ଦ୍ଦେଶକଙ୍କ ତା୧୦.୧୧.୨୦୧୬ରିଖର ସୁପାରିଶ ଅନୁସାରେ ଦୈନିକ ୨୯୩ ଟଙ୍କା (୫୩୩ ଟଙ୍କା -୨୪୦ ଟଙ୍କା) ଡିସିଏ ବାବଦରେ ପ୍ରଦାନ କଲେ ସରକାରଙ୍କ ଉପରେ ଦୈନିକ ୫୧,୭୮,୭୭୫ ଟଙ୍କାର ଆର୍ଥିକ ବୋଝ ପଡିବ ଏବଂ ଯଦି ସେମାନେ ବର୍ଷରେ ୩୬୫ ଦିନ କାର୍ଯ୍ୟରେ ନିୟୋଜିତ ରୁହନ୍ତି ତେବେ ସରକାରଙ୍କ ଉପରେ ୧୮୯ କୋଟି ଟଙ୍କାର ବାର୍ଷିକ ଆର୍ଥିକ ବୋଝ ପଡିବ । ଏହି ଅତ୍ୟଧିକ ଆର୍ଥିକ ବୋଝକୁ ବିଚାରକୁ ନେଇ ମାନ୍ୟବର ଏକକ ବିଚାରପତିଙ୍କ ପାଖରେ ରିଟ୍ ପ୍ରାର୍ଥନା ଦାଖଲ ହେବା ଦିନଠାରୁ ଅର୍ଥାତ ତା୦୧.୦୬.୨୦୧୮ରିଖଠାରୁ ୫୩୩ ଟଙ୍କାର ଦୈନିକ ଡିସିଏ ଲାଭ ଉପରେ ଅଙ୍କୁଶ ଲଗାଉଛୁ |

୯ . ଉପରୋକ୍ତ କାରଣକୁ ଦୃଷ୍ଟିରେ ରଖି ଏବଂ ଉପରୋକ୍ତ କାରଣ ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା କରାଯାଇଥିବା ଆବେଦନକୁ ନିମ୍ନଲିଖିତ ସଂଶୋଧନ ସହିତ ଖାରଜ କରାଗଲା ଏବଂ ମୂଳ ରିଟ ଆବେଦନକାରୀ/ଗୃହରକ୍ଷୀମାନଙ୍କ ଦ୍ୱାରା କରାଯାଇଥିବା ଆବେଦନକୁ ନିମ୍ନଲିଖିତ ଭାବେ ଆଂଶିକ ଅନୁମତି ପ୍ରଦାନ କରାଗଲା ।

୧୦. ମାନ୍ୟବର ଏକକ ବିଚାରପତିଙ୍କ ରାୟ ଏବଂ ଆଦେଶକୁ ସୁନିଶ୍ଚିତ କରି ଦୁଇଜଣିଆ ଖଣ୍ଡପୀଠ, ରାଜ୍ୟରେ ଗୃହରକ୍ଷୀ ମାନଙ୍କୁ ଦୈନିକ ୫୩୩ ଟଙ୍କା ଲେଖାଏଁ ଡିସିଏ ପ୍ରଦାନ କରିଥିବା ନିର୍ଦ୍ଦେଶକୁ ଏଠାରେ ସୁନିଶ୍ଚିତ କରାଗଲା । ତେବେ ଏହା ସ୍ପଷ୍ଟ କରାଗଲା ଯେ ବକେୟା ରାଶି ଦୈନିକ ୫୩୩ ଟଙ୍କା ଲେଖାଏଁ ତା୦୧.୦୬.୨୦୧୮ ରିଖ ଠାରୁ ପ୍ରଦାନ କରାଯିବ । ଆଜି ଠାରୁ ତିନି ମାସ ମଧ୍ୟରେ ବକେୟା ଅର୍ଥ ପ୍ରଦାନ କରାଯିବ । ଏହା କହିବାର ଆବଶ୍ୟକତା ନାହିଁ ଯେ ଗୃହରକ୍ଷୀମାନେ ମଧ୍ୟ ରାଜ୍ୟ ପୁଲିସ କର୍ମଚାରୀଙ୍କ ପାଇଁ ଉପଲବ୍ଧ ଥିବା ନିର୍ଦ୍ଧିଷ୍ଟକାଳୀନ ବେତନ ବୃଦ୍ଧି ପାଇବା ପାଇଁ ହକଦାର ହେବେ ଏବଂ ସମୟାନୁସାରେ ଯେପରି ରାଜ୍ୟ ପୁଲିସ କର୍ମଚାରୀ ସର୍ବନିମ୍ନ ନିର୍ଦ୍ଧିଷ୍ଟକାଳୀନ ବେତନବୃଦ୍ଧି ପାଇବାକୁ ହକଦାର ହେଉଛନ୍ତି, ତାକୁ ବିଚାରକରି ସେହିପରି ଗୃହରକ୍ଷୀମାନଙ୍କୁ ଡିସିଏରେ ନିର୍ଦ୍ଧିଷ୍ଟକାଳୀନ ବେତନବୃଦ୍ଧି ପ୍ରଦାନ କରାଯିବ । ଉପରୋକ୍ତ ଆଧାରରେ ବର୍ତ୍ତମାନର ଆବେଦନଗୁଡିକୁ ନିକାଶ କରାଗଲା । ଖର୍ଚ୍ଚ ବାବଦକୁ କୌଣସି ଆଦେଶ ଦିଆଯିବ ନାହିଁ ।

**(ଏମ. ଆର. ଶାହ)**
**ବିଚାରପତି**
**(ଏମ. ଏମ. ସୁନ୍ଦ୍ରେଶ)**
**ବିଚାରପତି**

ନୂଆ ଦିଲ୍ଲୀ,
ମାର୍ଚ୍ଚ ୧୭, ୨୦୨୩

## <u>ଅସ୍ୱୀକାର ପତ୍ର</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ"|

**TRANSLATED BY**: Shri Jatadhari Sethi
Translator, **High Court of Orissa, Cuttack**.